بسم الله الرحمن الرحيم

**୧୮ସେପ୍ଟେମ୍ବର ୨୦୨୦ ଖୁତବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ**

ହଜରତ ମୁହମ୍ମଦ ସ.ଅଙ୍କର ଉଚ୍ଚସ୍ତରରେ ଅଧିଷ୍ଠିତ ଉତ୍ସର୍ଗୀକୃତ ବଦରୀ ସାହାବୀ ହଜରତ ବିଲାଲ ବିନ୍ ରବାହ୍ ର.ଅଙ୍କ ଉତ୍ତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ଅଶ୍ହଦୁ ଅଲ୍ଲା ଇଲାହା ଇଲ୍ଲାହୁ ୱ୍ହଦହୁ ଲାଶରିକା ଲହୁ ୱ୍ଅଶ୍ହଦୁ ଅନ୍ନା ମୁହମ୍ମଦନ୍ ଅବ୍ଦୁହୁ ୱ୍ରସୁଲୁହୁ ଅମ୍ମା ବାଦ୍ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍ରଜିମ୍ । ବିସ୍ମିଲ୍ଲା ହିର୍ ରହ୍ମା ନିର୍ରହିମ୍ । ଅଲ୍ହମ୍ଦୁ ଲିଲ୍ଲାହି ରବ୍ବିଲ୍ ଆଲମିନ୍ ଅର୍ରହ୍ମା ନିର୍ରହିମ୍ । ମାଲିକି ୟୋମିଦ୍ଦିନ୍ । ଇୟାକା ନାବୁଦୁ ୱ୍ ଇୟାକା ନସ୍ତଇନ୍ । ଇହ୍ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍ଅମ୍ତା ଅଲୈହିମ୍ ଗୈରିଲ୍ ମଗ୍ଯୁବି ଆଲୈହିମ୍ ୱ୍ଲଜ୍ୱାଲ୍ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ କହିଲେ ଗତ ଖୁତବାରେ ମୁଁ ହଜରତ ବିଲାଲ ର.ଅଙ୍କ ଜୀବନୀ ଚର୍ଚ୍ଚା କରୁଥିଲି ଯାହାର କିଛି ଅଂଶ ବାକି ରହିଯାଇଥିଲା, ତାହା ଆଜି ମୁଁ ବର୍ଣ୍ଣନା କରିବି । ହଜରତ ଅବୁହୁରେରାଃ ର.ଅ ବର୍ଣ୍ଣନା କରନ୍ତି ଯେତେବେଳେ ହଜୁର ସ.ଅ ଖୈବର ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରୁଥିଲେ ସେତେବେଳେ ସାରା ରାତି ଯାତ୍ରା କରିବା ଯୋଗୁଁ ସଭିଏଁ ଅତ୍ୟନ୍ତ ଥକି ପଡ଼ିଥିଲେ । ଅତଏବ ନିଦ ପୁରା କରିବା ପାଇଁ ହଜୁର ସ.ଅ ଗୋଟିଏ ସ୍ଥାନରେ ଅବସ୍ଥାନ କଲେ । ସେଠାରେ ହଜୁର ସ.ଅ ହଜରତ ବିଲାଲଙ୍କୁ ଫଜର୍ ନମାଜ ପାଇଁ ଜଗାଇବା ଦାୟିତ୍ୱ ଦେଇ ଶୟନ କରିବାକୁ ଚାଲିଗଲେ । ଏଥିଅନ୍ତେ ହଜରତ ବିଲାଲଙ୍କର ଯେଉଁଳି ସାମର୍ଥ୍ୟ ଥିଲା ସେ ନଓ୍ୱାଫିଲ୍ ପାଠ କଲେ କିନ୍ତୁ ଯେତେବେଳେ ଫଜର୍ ନମାଜର ସମୟ ଆସିଲା ସେତେବେଳକୁ ନିଦ୍ରା ତାଙ୍କୁ ବଶିଭୂତ କରି ସାରିଥିଲା । ଅତଏବ ନା ହଜରତ ବିଲାଲ ଫଜର ନମାଜ ପାଇଁ ଉଠିପାରିଲେ ନା ଅନ୍ୟ କୌଣସି ସାହାବା ଏପରିକି ସୂର୍ଯ୍ୟାଲୋକ ବାହାରି ଆସିଲା । ସେମାନଙ୍କ ମଧ୍ୟରେ ସର୍ବପ୍ରଥମେ ହଜୁର ସ.ଅ ନିଦରୁ ଉଠିଲେ ଏବଂ ଫଜର ନମାଜର ସମୟ ଗଡ଼ିଯାଇଥିବାରୁ ଆପଣ ବହୁତ ମନସ୍ତାପ କରି କହିଲେ ହେ ବିଲାଲ, ହେ ବିଲାଲ । ହଜରତ ବିଲାଲ ଉଠି ଆସି କହିଲେ ହେ ଅଲ୍ଲାଃଙ୍କ ରସୁଲ ମୋ ପିତାମାତା ଆପଣଙ୍କ ଉପରେ ଉତ୍ସର୍ଗୀତ, ନିଦ ମୋତେ ବଶିଭୂତ କରିଦେଲା । ହଜୁର ସ.ଅ କହିଲେ ଏଠୁ ଚାଲ ବସ୍ତୁତଃ ସେମାନେ ନିଜ ବାହନକୁ ଆଗକୁ କଲେ, ସେହିଠାରେ ହଜୁର ସ.ଅ ସେମାନଙ୍କୁ ଅଟକିବାକୁ ନିର୍ଦ୍ଦେଶ ଦେଲେ ଏବଂ ସୂର୍ଯ୍ୟାଲୋକ ବାହାରିଯିବା ସତ୍ତ୍ୱେ ହଜୁର ସ.ଅ ସେହିଠାରେ ନମାଜ ଫଜର୍ ପାଠ କରାଇଲେ । ନମାଜ ପାଠ କରି ସାରିବା ପରେ **ହଜୁର ସ.ଅ କହିଲେ ଯଦି ତୁମମାନଙ୍କ ମଧ୍ୟରୁ କେହି ନମାଜ ପଢିବାକୁ ଭୁଲିଯାଏ ତେବେ ତାହାକୁ ଆବଶ୍ୟକ କି ଯେତେବେଳେ ତାହାର ସ୍ମରଣ ହୁଏ ସେହିକ୍ଷଣି ତାହା ପାଠ କରିନେଉ ।** କାରଣ ଐଶ୍ୱର୍ଯ୍ୟମୟ ପ୍ରଭୁ କହିଛନ୍ତି ନମାଜକୁ ମୋ ପ୍ରଶଂସାଗାନ ସକାଶେ ପାଠ କର ।

ମକ୍କା ବିଜୟ ଦିନ ହଜୁର ସ.ଅ ଯେତେବେଳେ ଖାନା କାବାରେ ପ୍ରବେଶ କଲେ ସେତେବେଳେ ଆପଣଙ୍କ ସାଥିରେ ହଜରତ ବିଲାଲ ମଧ୍ୟ ଉପସ୍ଥିତ ଥିଲେ । ହଜରତ ଇବ୍ନେ ଉମର ର.ଅ କୁହନ୍ତି ମୁଁ ହଜରତ ବିଲାଲଙ୍କୁ ପଚାରିଲି କ'ଣ ହଜୁର ସ.ଅ କାବାରେ ନମାଜ ପାଠ କରିଥିଲେ ? ସେ ଉତ୍ତର ଦେଲେ ହଁ ପଢିଥିଲେ । ମୁଁ ପୁନଶ୍ଚ

ପଚାରିଲି କେଉଁସ୍ଥଳେ ? ସେ କହିଲେ ସେହି ଦୁଇ ସ୍ତମ୍ଭ ମଧ୍ୟବର୍ତ୍ତୀ ସ୍ଥାନରେ । ପରବର୍ତ୍ତୀ ସମୟରେ ମଧ୍ୟ ହ.ବିଲାଲ ଲୋକମାନଙ୍କୁ କହୁଥିଲେ ଯେ ହଜୁର ସ.ଅ ଖାନା କାବାର କେଉଁସ୍ଥଳେ ଛିଡ଼ା ହୋଇ ନମାଜ ପାଠ କରିଥିଲେ । ହଜରତ ଇବ୍‌ନେ ଅବି ମଲିକା ର.ଅ ବର୍ଣ୍ଣନା କରନ୍ତି ମକ୍କା ବିଜୟ ଦିନ ହଜୁର ସ.ଅ ହ.ବିଲାଲଙ୍କୁ କାବାର ଛାତ ଉପରେ ଚଢି ଅଜାନ ଦେବାକୁ ଆଦେଶ ଦେଲେ । ଅତଏବ ସେ କାବାର ଛାତ ଉପରେ ଚଢି ଅଜାନ ଦେଲେ ।

ଜମାଅତ ଅହମଦିୟାର ଦ୍ୱିତୀୟ ଖଲିଫା ମକ୍କା ବିଜୟ ଦିବସରେ ହ.ବିଲାଲଙ୍କ ଚର୍ଚ୍ଚା କରି କୁହନ୍ତି ସେହିଦିନ ଯେଉଁ ଗୁରୁତ୍ୱପୂର୍ଣ୍ଣ ଘଟଣାଟି ଘଟିଥିଲା ତାହା ହ.ବିଲାଲ ର.ଅଙ୍କ ଧ୍ୱଜା (ଉତ୍ତୋଳନ କରିବା) ଥିଲା । ହଜୁର ସ.ଅ ହ.ବିଲାଲଙ୍କ ଧ୍ୱଜା ପ୍ରସ୍ତୁତ କରି ଆଦେଶ ଦେଲେ ଯେ କେହି ବିଲାଲଙ୍କ ଧ୍ୱଜା ତଳେ ଶରଣ ନେବ ତାହାକୁ ସୁରକ୍ଷା ପ୍ରଦାନ କରାଯିବ । ଏହି ଆଦେଶରେ କିଭଳି ଗୂଢ଼ ଓ ସୁନ୍ଦର ବାର୍ତ୍ତା ପ୍ରଚ୍ଛନ୍ନ ରହିଥିଲା । ଦେଖ ଅମାନ୍ୟକାରୀମାନେ ହ.ବିଲାଲଙ୍କ ଗୋଡ଼ରେ ରସି ବାନ୍ଧି ତାଙ୍କୁ ମକ୍କାର ଗଳିକନ୍ଦିରେ ଘୋଷାରୁଥିଲେ । ସମଗ୍ର ମକ୍କାର କୌଣସି କୋଣରେ ତାଙ୍କ ପାଇଁ ଆଶ୍ରା ନେଇ ଶାନ୍ତି ଲଭିବାର ସ୍ଥାନ ନଥିଲା ବରଂ ତାହା ତାଙ୍କ ପାଇଁ ଶାସ୍ତି, ହୀନିମାନ ଓ ଟାହିଟାପରାର ପୀଠସ୍ଥଳି ପାଲଟି ଯାଇଥିଲା । ହଜୁର ସ.ଅ ଏକଥା ହୃଦୟଙ୍ଗମ କଲେ କି ଆଜି ବିଲାଲଙ୍କ ମନରେ ପ୍ରତିଶୋଧ ନେବାର ଭାବ ବାରମ୍ବାର ଉଙ୍କି ମାରୁଥିବ । ଅତଏବ ଏହି ବିଶ୍ୱସ୍ତ ସାଥିର ପ୍ରତିଶୋଧ ନେବା ମଧ୍ୟ ଅତ୍ୟନ୍ତ ଜରୁରୀ କିନ୍ତୁ ଏହା ମଧ୍ୟ ଅନିବାର୍ଯ୍ୟ ଥିଲା ଯେ ନବୀ ଶ୍ରେଷ୍ଠଙ୍କ ପ୍ରତିଶୋଧ ଇସଲାମର ମର୍ଯ୍ୟାଦା କ୍ଷୁର୍ଣ୍ଣ ନକରିଦେଉ । ଅତଏବ ଆପଣ ହ.ବିଲାଲଙ୍କ ପ୍ରତିଶୋଧ ଖଡ଼୍‌ଗରେ ଶତ୍ରୁର ଶିର ଛେଦ କରିନେଲେ ନାହିଁ ବରଂ ତାଙ୍କ ଧରମ ଭାଇର ହସ୍ତରେ ଏକ ବାନା ଦେଇ ଦଣ୍ଡାୟମାନ କରିଦେଲେ ଏବଂ ହ.ବିଲାଲଙ୍କୁ ଏହି ଆଦେଶ ଦେଲେ କି ତୁମେ ଏହି ଘୋଷଣା କରିଚାଲ କି ଯେ କେହି ମୋ ଧ୍ୱଜା ତଳେ ଆସି ଛିଡ଼ା ହୋଇଯିବ ତାହାକୁ ସୁରକ୍ଷା ପ୍ରଦାନ କରାଯିବ । ଦେଖ କିଭଳି ସୁନ୍ଦର ଓ ମନୋରମ ବ୍ୟବସ୍ଥା ପ୍ରଣୟନ କରାଯାଇ ଥିଲା । ଯେତେବେଳେ ହ.ବିଲାଲ ଉଚ୍ଚ ସ୍ୱରରେ ଏହି ଘୋଷଣା କରୁଥିବେ କି ହେ ମକ୍କାବାସୀ ! ଆସ ମୋ ଭାଇ ବହନ କରିଥିବା ବାନା ତଳେ ଏକତ୍ରିତ ହୋଇଯାଅ ସେତେବେଳେ ତାଙ୍କର ହୃଦୟ ସ୍ୱୟଂ ପ୍ରତିଶୋଧ ପରାୟଣ ଭାବନାରୁ ଖାଲି ହୋଇଯାଇଥିବ । **ସେ ଅନୁଭବ କରିନେଇଥିବେ ଯେ ଯେଉଁ ପ୍ରତିଶୋଧ ହଜୁର ସ.ଅ ମୋ ପାଇଁ ବାଢିଦେଇଛନ୍ତି, କ'ଣ ପ୍ରତିଶୋଧ ନେବାର ଆ'ଠାରୁ ଅଧିକ ସୁନ୍ଦର ଓ ଉତ୍ତମ ବ୍ୟବସ୍ଥା ମୋ ପାଇଁ ଅନ୍ୟ କିଛି ସ୍ଥିର କରାଯାଇ ପାରିଥାଆନ୍ତା ।**

ହଜରତ ଅବଦୁଲ୍ଲାଃ ବିନ୍ ଉମର ବର୍ଣ୍ଣନା କରନ୍ତି ସାଧାରଣତଃ ଇଦ୍ ଦିନ ହ.ବିଲାଲ ର.ଅ ହଜୁର ସ.ଅଙ୍କ ଆଗେ ଆଗେ ବର୍ଚ୍ଛା ନେଇ ଚାଲୁଥିଲେ । ମୁହମ୍ମଦ ବିନ୍ ଉମର ବର୍ଣ୍ଣନା କରନ୍ତି ସେ (ନମାଜ ପୂର୍ବରୁ) ଉକ୍ତ ବର୍ଚ୍ଛାକୁ ହଜୁର ସ.ଅଙ୍କ ସମ୍ମୁଖରେ ପୋତି ଦେଉଥିଲେ । ହଜୁର ସ.ଅଙ୍କ ଦେହାନ୍ତ ପରେ ହ.ଅବୁବକର ର.ଅଙ୍କ ଖିଲାଫତ୍ କାଳରେ ହ.ବିଲାଲ ର.ଅ ସେହିପରି ବର୍ଚ୍ଛା ଧରି ତାଙ୍କ ଆଗେ ଆଗେ ଚାଲୁଥିଲେ ।

ମୁସା ବିନ୍ ମୁହମ୍ମଦ ନିଜ ପିତାଙ୍କ ମାଧ୍ୟମରେ ବର୍ଣ୍ଣନା କରନ୍ତି ଯେ ହଜୁର ସ.ଅଙ୍କ ଦେହାନ୍ତ ପରେ ସେହି ଦିନ ହ.ବିଲାଲ ସେତେବେଳେ ଅଜାନ ଦେଲେ ଯେତେବେଳେ କି ହଜୁର ସ.ଅଙ୍କ ଶେଷକୃତୀ ସମ୍ପନ୍ନ ହୋଇ ନଥିଲା । ଯେତେବେଳେ ସେ **ଅସ୍‌ହଦୁ ଅନ୍ନା ମୁହମ୍ମଦର୍ ରସୁଲୁଲ୍ଲାଃ**ର ଆବୃତ୍ତି କଲେ । ସେତେବେଳେ ମସଜିଦ୍‌ରେ ଲୋକମାନଙ୍କ ରୋଦନର ଉଚ୍ଚ ସ୍ୱର ଗୁଞ୍ଜରିତ ହୋଇ ଉଠିଲା । ଯେତେବେଳେ ହଜୁର ସ.ଅଙ୍କର ଅନ୍ତ୍ୟେଷ୍ଟିକ୍ରୀୟା ସମ୍ପନ୍ନ ହୋଇଗଲା ଏବଂ ହ.ଅବୁବକର ର.ଅ ବିଲାଲଙ୍କୁ ଅଜାନ ଦେବା ପାଇଁ କହିଲେ ସେତେବେଳେ ସେ ପ୍ରତିଉତ୍ତରରେ କହିଲେ ଯଦି ଆପଣ ମୋତେ ଏଥିନିମନ୍ତେ ସ୍ୱାଧିନ କରିଥିଲେ କି ମୁଁ ଆପଣଙ୍କ ସାଥିରେ ରୁହେ

ତେବେ ତ ଆପଣ ଯେମିତି ଆଦେଶ ଦେଲେ ମୋ ପାଇଁ ସେହିପରି ଆଜ୍ଞାପାଳନ କରିବା ଅନିବାର୍ଯ୍ୟ କିନ୍ତୁ ଯଦି ଆପଣ ମୋତେ ପ୍ରଭୁଙ୍କ ଖାତିର୍ ସ୍ୱାଧିନ କରିଛନ୍ତି ତେବେ ମୋତେ ସେହି ମହାନ ହସ୍ତିଙ୍କ ଖାତିର ଛାଡ଼ିଦିଅନ୍ତୁ ଯାହାର ପ୍ରୀତିଭାଜନ ଲାଭ କରିବା ପାଇଁ ସ୍ୱାଧିନ କରିଛନ୍ତି । ହ.ଅବୁବକର କହିଲେ ମୁଁ ପ୍ରଭୁଙ୍କ ଖାତିର ତୁମକୁ ସ୍ୱାଧିନ କରିଦେଇଛି । ଏଥିଉତ୍ତାରୁ ହଜରତ ବିଲାଲ କହିଲେ ମୁଁ ହଜୁର ସ.ଅଙ୍କ ପରେ ଅନ୍ୟ କାହା ପାଇଁ ଅଜାନ ଦେବି ନାହିଁ । ହ.ଅବୁବକର କହିଲେ ଆପଣଙ୍କ ଇଚ୍ଛା, ଏହାପରେ ହ.ବିଲାଲ ମଦିନାରେ ହିଁ ଅବସ୍ଥାନ କଲେ ଏପରିକି ହ.ଉମର ର.ଅଙ୍କ ଖିଲାଫତ୍ର ସମୟ କାଳରେ ଯେତେବେଳେ ମୁସଲମାନ ସୈନ୍ୟସାମନ୍ତଙ୍କୁ (ସିରିୟା) ପ୍ରେରଣ କରାଗଲା ସେତେବେଳେ ଆପଣ ମଧ୍ୟ ସେମାନଙ୍କ ସାଥିରେ ସିରିୟା ଚାଲିଗଲେ ।

ଅସଦୁଲ୍ ଗାବାରେ ଏହା ଉଲ୍ଲେଖ ରହିଛି ଯେ ହ.ବିଲାଲ ହ.ଅବୁବକର ର.ଅଙ୍କୁ କହିଲେ ଯଦି ଆପଣ ମୋତେ ନିଜ ପାଇଁ ସ୍ୱାଧିନ କରିଛନ୍ତି ତେବେ ମୋତେ ନିଜ ନିକଟରେ ରଖନ୍ତୁ କିନ୍ତୁ ଯଦି ଆପଣ ମୋତେ ପ୍ରଭୁଙ୍କ ଖାତିର ସ୍ୱାଧିନ କରିଛନ୍ତି ତେବେ ମୋତେ ଜିହାଦ୍ ପାଇଁ ଯିବାକୁ ଦିଅନ୍ତୁ । ଏଥିରେ ହ.ଅବୁବକର ତାଙ୍କୁ କହିଲେ ତେବେ ତୁମେ ଯାଇପାର । ଅତଏବ ହ.ବିଲାଲ ସିରିୟା ଚାଲିଗଲେ ଏବଂ ନିଜ ଅନ୍ତିମ ସମୟ ପର୍ଯ୍ୟନ୍ତ ସେ ସେହିଠାରେ ହିଁ କାଳାତିପାତ କରିଥିଲେ । କିନ୍ତୁ ଅଧିକାଂଶ ବର୍ଣ୍ଣନାନୁଯାୟୀ ସେ ହ.ଅବୁବକର ର.ଅଙ୍କ ସମୟ କାଳରେ ନୁହେଁ ବରଂ ହ.ଉମର ର.ଅଙ୍କ ଖିଲାଫତ୍ କାଳରେ ସିରିୟା ଚାଲି ଯାଇଥିଲେ । ଆଉ ଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ ହ.ବିଲାଲ ର.ଅ ହ.ଅବୁବକର ର.ଅଙ୍କ ଖିଲାଫତ୍ କାଳରେ ମଧ୍ୟ (ମଦିନାରେ) ଅଜାନ ଦେଉଥିଲେ ।

ଗୋଟିଏ ସ୍ଥାନରେ ଉଲ୍ଲେଖ ରହିଛି ଏକଦା ହ.ବିଲାଲ ହଜୁର ସ.ଅଙ୍କୁ ସ୍ୱପ୍ନରେ ଦେଖିଲେ କି ହଜୁର ସ.ଅ ତାଙ୍କୁ କହୁଛନ୍ତି ହେ ବିଲାଲ ! ତୁମର ଏହା କିଭଳି କଠୋରପଣିଆ, କ'ଣ ବର୍ତ୍ତମାନ ସୁଧା ଆମ ଦର୍ଶନ ନିମନ୍ତେ ତୁମର ବାହୁଡ଼ି ଆସିବାର ବେଳ ହୋଇ ନାହିଁ । ଏହା ଦେଖି ସେ ଅତ୍ୟନ୍ତ ବିଚଳିତ ହୋଇ ଉଠି ପଡ଼ିଲେ ଏବଂ ନିଜ ବାହନ ଧରି ମଦିନା ଅଭିମୂଖେ ବାହାରି ପଡ଼ିଲେ, ମଦିନାରେ ପହଂଚି ହଜୁର ସ.ଅଙ୍କ ପବିତ୍ର ସମାଧି ସ୍ଥଳେ ଉପସ୍ଥିତ ହୋଇ ଅନବରତ ରୋଦନ କଲେ ସେତେବେଳେ ତାଙ୍କ ଅବସ୍ଥା ଏପରି ଥିଲା ଯେମିତି ଜଣେ ଅତ୍ୟଧିକ ଯନ୍ତ୍ରଣାରେ ଛଟପଟ ହୋଇଥାଏ । ଇତି ମଧ୍ୟରେ ହଜରତ ହସନ ହୁସେନ ମଧ୍ୟ ଆସି ପହଂଚିଗଲେ, ସେମାନଙ୍କୁ ଦେଖି ହ.ବିଲାଲ ତାଙ୍କୁ ପାଛୋଟି ନେଇ ଆଲିଙ୍ଗନ କଲେ ଏବଂ ଚୁମ୍ବନ ଦେଲେ । ହଜରତ ହସନ ହୁସେନ ତାଙ୍କୁ କହିଲେ ଆମେ ଚାହୁଁଛୁ କି ସକାଳର ଅଜାନ ଆପଣ ଦିଅନ୍ତୁ । ଅତଏବ ପାହାନ୍ତାରେ ବିଲାଲ ମସଜିଦ୍ର ଛାତ ଉପରେ ଚଢିଗଲେ ଏବଂ ଅଜାନ ଦେଲେ ଯେତେବେଳେ ସେ **ଅଲ୍ଲାଃହୁ ଅକବର୍**ର ଉଚ୍ଚାରଣ କଲେ, ବର୍ଣ୍ଣନାକାରୀ କୁହନ୍ତି ସେତେବେଳେ ମଦିନା କମ୍ପି ଉଠିଲା ଆଉ ଯେତେବେଳେ ସେ **ଅସ୍ହଦୁ ଅଲ୍ଲାଇଲାହା ଇଲ୍ଲ୍ଲାଃର** ଶବ୍ଦ ଉଚ୍ଚାରଣ କଲେ ସେତେବେଳେ ତାହା ଅଧିକ ପ୍ରକମ୍ପିତ ହେଲା । ଯଦ୍ୱାରା ଲୋକମାନେ ହଠାତ୍ ଜାଗି ଉଠିଲେ ଆଉ ଯେତେବେଳେ ସେ **ଅସ୍ହଦୁ ଅନ୍ନା ମୁହମ୍ମଦୁର୍ ରସୁଲୁଲ୍ଲାଃ** ଆବୃତ୍ତି କଲେ ସେତେବେଳେ ମହିଳାମାନେ ନିଜ କୋଠରୀରୁ ବାହାରକୁ ଚାଲିଆସିଲେ । ବର୍ଣ୍ଣନାକାରୀ କୁହନ୍ତି ସେଦିନ ପୂର୍ବରୁ ମହିଳା ଓ ପୁରୁଷମାନଙ୍କର ଏଭଳି ରୋଦନ କଦାପି ଶୁଣାଯାଇ ନଥିଲା । କାରଣ ହ.ବିଲାଲଙ୍କ ଅଜାନ ଶୁଣି ମୁସଲମାନମାନଙ୍କର ହଜୁର ସ.ଅଙ୍କ ସମୟ ମନେପଡ଼ି ଯାଇଥିଲା ଏବଂ ସଭିଏଁ ଅତି ଭାବବିହ୍ୱଳ ହୋଇ ପଡ଼ିଲେ ।

ଜୈଦ ବିନ୍ ଅସଲମ୍ ବର୍ଣ୍ଣନା କରନ୍ତି ବନୁ ଅବୁବକର ହଜୁର ସ.ଅଙ୍କ ନିକଟକୁ ଆସିଲେ ଏବଂ କହିଲେ ହଜୁର ଆମ ଭଗିନୀର ବିବାହ ଅମକ ବ୍ୟକ୍ତି ସହ କରେଇ ଦିଅନ୍ତୁ । ହଜୁର ସ.ଅ କହିଲେ ବିଲାଲଙ୍କ ପ୍ରସଙ୍ଗରେ ତୁମର ମତ

କ'ଣ । ସେମାନେ ସେଠାରୁ ଚାଲିଗଲେ ଏବଂ ପୁନର୍ବାର ହଜୁର ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ତଥା ସେହି ସମାନ କଥା କହିଲେ ହଜୁର ସ.ଅ ମଧ୍ୟ ତାଙ୍କୁ ସେହି ସମାନ ଉତ୍ତର ଦେଲେ ଯେ ବିଲାଲଙ୍କ ପ୍ରସଙ୍ଗରେ ତୁମର ମତ କ'ଣ । ସେମାନେ ତୃତୀୟ ଥର ହଜୁର ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ, ହଜୁର ଆମ ଭଗିନୀର ବିବାହ ଅମକ ବ୍ୟକ୍ତି ସହ କରେଇ ଦିଅନ୍ତୁ । **ହଜୁର ସ.ଅ କହିଲେ ତୁମମାନଙ୍କର ସେହି ବ୍ୟକ୍ତି ପ୍ରସଙ୍ଗରେ କ'ଣ ମତ ଯେ ବୈକୁଣ୍ଠବାସୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ।** ବର୍ଣ୍ଣନାକାରୀ କୁହନ୍ତି ଏଥିରେ ସେମାନେ ନିଜ ଭଉଣୀର ବିବାହ ହ.ବିଲାଲଙ୍କ ସହିତ କରିଦେଲେ ।

ହଜରତ ମୁସଲେହ ମଉଦ ର.ଅ ହଜରତ ବିଲାଲଙ୍କ ଏକ ଘଟଣା ଏବଂ ତାଙ୍କ ଉଚ୍ଚ ପଦ ଓ ଆସନର ଚର୍ଚ୍ଚା ଏପରି କରିଛନ୍ତି କି ହଜରତ ଉମର ର.ଅ ନିଜ ଖିଲାଫତ୍ ସମୟ କାଳରେ ଏକଦା ମକ୍କା ଆସିଲେ ସେତେବେଳେ ସେହି ଲୋକମାନେ ଯେ ଦାସମାନଙ୍କ ଚୁଟି ଧରି ଘୋଷାରୁଥିଲେ, ହଜରତ ଉମର ର.ଅଙ୍କୁ ସାକ୍ଷାତ କରିବା ସକାଶେ ଆପଣଙ୍କ ସେବାରେ ଜଣ ଜଣକରି ଉପସ୍ଥିତ ହେଲେ । ତାହା ଇଦ୍‌ର ଦିନ ଥିଲା, ସେତେବେଳେ ହଜରତ ବିଲାଲ ତଥା ଅନ୍ୟ କ୍ରୀତଦାସମାନେ ଉପସ୍ଥିତ ହୋଇ ନଥିଲେ । ବର୍ତ୍ତମାନ ସେମାନେ ବସି ହିଁ ଥିଲେ ଯେ ହ.ବିଲାଲ ଆସି ପହଂଚିଲେ ଯାହାଙ୍କ ଉପରେ ସେମାନେ ଅତ୍ୟାଚାର କରୁଥିଲେ, ତାଙ୍କ ଫୁଙ୍ଗୁଳା ଶରୀରରେ ଜୋତା ପିନ୍ଧି ନାଚୁଥିଲେ ତାଙ୍କ ଛାତି ଉପରେ ଓଜନିଆ ପଥର ଖଣ୍ଡ ରଖି ଦେଉଥିଲେ ଏବଂ ତାଙ୍କୁ କହୁଥିଲେ ବର୍ତ୍ତମାନ କୁହ କି ତୁମ ଉପାସ୍ୟ ଲାତ ଓ ଉଜ୍ଜା କିନ୍ତୁ ସେ **ଅସ୍‌ହଦୁ ଅଲ୍ଲାଇଲାହା ଇଲ୍‌ଲ୍ଲାଃ** କହୁଥିଲେ । ହଜରତ ଉମର ଯେତେବେଳେ ହଜରତ ବିଲାଲଙ୍କୁ ଦେଖିଲେ ସେତେବେଳେ ସେହି ଧନାଢ୍ୟ ବ୍ୟକ୍ତିମାନଙ୍କୁ କହିଲେ ଆପଣମାନେ ଟିକେ ପଛକୁ ଘୁଂଚିଯାନ୍ତୁ ଏବଂ ହଜରତ ବିଲାଲଙ୍କୁ ବସିବାକୁ ସ୍ଥାନ ଦିଅନ୍ତୁ ।

ହଜୁର ଅନୱର ଅ.ବ କହିଲେ- **ସୁତରାଂ ବଳିଦାନ ଦେବାରେ ହିଁ ମଣିଷକୁ ମର୍ଯ୍ୟାଦା ଓ ଉଚ୍ଚ ଆସନ ହାସଲ ହୋଇଥାଏ ଏବଂ ଇସଲାମର ଏହି ସୁନ୍ଦର ଶିକ୍ଷା ରହିଛି ଯେ ପ୍ରାରମ୍ଭରୁ ବିଶ୍ୱସ୍ତତା ପ୍ରଦର୍ଶନ କରିଥାନ୍ତି, ସେମାନଙ୍କ ଆସନ ସୁନିଶ୍ଚିତ ରୂପେ ଉର୍ଦ୍ଧ୍ୱରେ ରହିଥାଏ । ତେଣିକି ସେ ହବ୍‌ଶି କ୍ରୀତଦାସ ହୋଇଥାନ୍ତୁ ଅବା କୌଣସି ନିମ୍ନ ବର୍ଗର ଲୋକ । ପ୍ରତ୍ୟେକଙ୍କୁ ତାଙ୍କ ଦକ୍ଷତା ଅନୁଯାୟୀ ପଦ ଓ ଆସନ ଲାଭ ହୋଇଥାଏ ।** ଏପରି ନୁହେଁ କି କିଏ ଧନୀ ଓ କିଏ ଗରିବ ଦେଖି ପଦ ଦେବା । ଯଦି ନିଜକୁ ଉତ୍ସର୍ଗ କରି ନିଜର ସର୍ବସ୍ୱ ବଳିଦାନ କରିବାର ଭାବନା ନେଇ ଆସିବେ ଏବଂ ବଳିଦାନ କରିବେ ତେବେ ସେହି ସ୍ତର ନିଶ୍ଚିତ ପ୍ରାପ୍ତ ହେବ । ହଜରତ ବିଲାଲଙ୍କ ଜୀବନୀର କିଛି ଅଂଶ ବାକି ରହିଛି ଯାହାକି ମୁଁ ଆସନ୍ତା ଖୁତବାରେ ବର୍ଣ୍ଣନା କରିବି ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନା ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

18th September 2020